## ଇତିହାସ ବିଭାଗର ଆଲୋଚନା ଚକ୍ର

ବଡ଼ସାହି,(ସ୍ୱ.ପ୍ର.)- ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟ ପକ୍ଷରୁ ଇତିହାସ ବିଭାଗର ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ଜଣାଯିବା ସହିତ 'ଜୟୀ ରାଜଗୁରୁ ଓଡ଼ିଶା ଇତିହାସରେ ଜଣେ ବିଶିଷ୍ଟ ଯୋଦ୍ଧା' ଶୀର୍ଷକକୁ ନେଇ ଆଲୋଚନା ହୋଇଥିଲା। ଅଧକ୍ଷ କୁମୁଦ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରାଧ୍ୟାପକ କୃପାସିନ୍ଧୁ ମହାକୁଡ଼ ମୁଖ୍ୟ ବକ୍ତା, ପ୍ରଦୀପ ପଣ୍ଡା, ଫକିର ଚରଣ ସାହୁ ଓ ନିବେଦିତା ବେହେରା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ।

## ଆଜି କ'ଣ କେଉଁଠି

ବାଲେଶ୍ୱର

- ଉତ୍ସାହ-୨୦୨୨, ସ୍ଥାନ: ସ୍ପୋର୍ଟସ ହଷ୍ଟେଲ, ଭୀମପୁରା, ସମୟ: ପୂର୍ବାହ୍ନ ୮ଟା ୩୦।
- ଶିଶୁ ପ୍ରତିଭା-୨୦୨୨, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୯ଟା ୩୦।
- ଉତ୍ତରଓଡ଼ିଶା ବାଣିଜ୍ୟ ଓ ଶିଳ୍ପ ମହାସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ନୋସି ବିଜିନେସ୍ ପାର୍କ, ସମୟ: ଅପରାହ୍ନ ୪ଟା।
- ମାନବ ଅଧିକାର ଦିବସ, ସ୍ଥାନ: ବାଲେଶ୍ୱର ସ୍କୁଲ ଅଫ୍ ଇଞ୍ଜିନିୟରିଂ ସମ୍ମିଳନୀ କକ୍ଷ, ଚୁନଭାଟି, ସମୟ: ଅପରାହ୍ନ ୨ଟା ୩୦।

# ଆରମ୍ଭରୁ ଧାନର ଅଭାବୀ ବିକ୍ରି

- ଖୋଲିନି ମଣ୍ଡି, ସୁଯୋଗ ନେଉଛନ୍ତି ବାହାର ବେପାରୀ
- ୧୨ ଧାନ ବୋଝେଇ ଗାଡ଼ିକୁ ୮୦ ହଜାର ଜରିମାନା

ଚାନ୍ଦବାଲି,୯।୧୨(ଡି.ଏନ.ଏ.)

ଚାଷୀଙ୍କଠାରୁ ସରକାରୀ ଧାର୍ଯ୍ୟ ଦର କୁଇଣ୍ଟାଲ ପ୍ରତି ୨୦୪୦ ଟଙ୍କାରେ ଧାନ କ୍ରୟ ନିମନ୍ତେ ସମବାୟ ସମିତି ଓ ମହିଳା ଗୋଷ୍ଠୀ ମାଧ୍ୟମରେ ଅନ୍‌ଲାଇନ ପଞ୍ଜୀକରଣ କରାଯାଇଛି। ହେଲେ ଚଳିତବର୍ଷ ଖରିଫ ଧାନ ଅମଳ ଆରମ୍ଭରୁ ଭଦ୍ରକ ଜିଲା ଚାନ୍ଦବାଲିରେ ଅଭାବୀ ବିକ୍ରି ଆରମ୍ଭ ହୋଇଛି। ପଶ୍ଚିମବଙ୍ଗର ଦୁଇଟି ଧାନ ବୋଝେଇ ଟ୍ରକ୍‌କୁ ଗୁରୁବାର ରାତିରେ ମତୋ ଫାଣ୍ଡି ପୋଲିସ ଅଟକ ରଖିଥିଲା। ଚାନ୍ଦବାଲି ଅଞ୍ଚଳରୁ ବେପାରୀମାନଙ୍କ ମାଧ୍ୟମରେ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ଲୋଡ୍ କରି ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ପାଞ୍ଚପଡ଼ା ନିକଟରେ ଥିବା ଆର୍‌ଏମ୍‌ସି ଚେକ୍‌ଗେଟ୍‌ର କର୍ମଚାରୀ ଅଟକାଇବାରୁ ଟ୍ରକ୍ ଦୁଇଟି ଦ୍ରୁତଗତିରେ ପଳାଇଥିଲେ। ଖବରପାଇ ମତୋ ଫାଣ୍ଡି ପୋଲିସ ଅଟକାଇବା ପରେ ମୁଖ୍ୟରାସ୍ତା କିଛି ସମୟ ପାଇଁ ଜନଗହଳି ହେବା ସହ ଉତ୍ତେଜନା ପ୍ରକାଶ ପାଇଥିଲା।



ଜବତ ଧାନ ବୋଝେଇ ଟ୍ରକ୍।

ଚାନ୍ଦବାଲି ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା। ସରକାରୀ ଚାଲାଣ ନ ଥାଇ ଧାନ ବୋଝେଇ ହୋଇଥିବାରୁ ଟ୍ରକ୍ ଦୁଇଟିକୁ ମତୋ ଫାଣ୍ଡିକୁ ନିଆଯାଇଥିଲା। ଏତେ ପରିମାଣର ଧାନ ପଶ୍ଚିମବଙ୍ଗ ବେପାରୀମାନେ କାହା ଦ୍ୱାରା ଓ କେମିତି ନେଉଥିଲେ ବୋଲି ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

ସେହିପରି ଦୁଇଦିନରେ ମୋଟ ୧୨ଟି ଧାନ ବୋଝେଇ ଟ୍ରକ୍ ଅଟକ ରଖାଯାଇଛି। ସେଥିମଧ୍ୟରୁ ଖେରଙ୍ଗ ଆର୍‌ଏମ୍‌ସି ଚେକ୍‌ଗେଟରେ ଗୁରୁବାର ରାତିରେ ୬ଟି ଓ ପାଞ୍ଚପଡ଼ା ଆର୍‌ଏମ୍‌ସି ଚେକ୍‌ଗେଟ୍‌ରେ ଶୁକ୍ରବାର ୪ଟି ଅଟକ ରଖାଯାଇଥିଲା। ଆର୍‌ଏମ୍‌ସି ପକ୍ଷରୁ ଏହି ୧୨ଟି ଗାଡ଼ିରୁ ୮୦ ହଜାର ଟଙ୍କା ଚାଲାଣ କଟାଯାଇ ଛାଡ଼ି ଦିଆଯାଇଛି। ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୂତାର ଓ ଥାନାଧିକାରୀ କରୁଣାକର ରାଉତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଜିଲାରେ ଆସନ୍ତା ୨୮ ତାରିଖରେ ମଣ୍ଡି ଖୋଲିବାକୁ ପ୍ରଶାସନିକ ସ୍ତରରେ ଧାର୍ଯ୍ୟ ହୋଇଛି। ମଣ୍ଡି ଖୋଲାଯାଇ ଧାନକିଣା ଆରମ୍ଭ ହେଲା ବେଳକୁ ଅମଳ ପ୍ରାୟ ସରିଯାଇଥିବ। ଲଘୁଚାପ ବର୍ଷାରୁ ଧାନକୁ ସୁରକ୍ଷିତ ରଖିବାର ବ୍ୟବସ୍ଥା ନ ଥିବା ଓ ଚାଷ ପାଇଁ କରିଥିବା ଧାର କରଜ ଶୁଝିବାକୁ ଚାଷୀମାନେ କମ୍ ଦରରେ ଧାନ ବିକିବାକୁ ବାଧ ହେଉଛନ୍ତି। ଏହାର ସୁଯୋଗ ନେଇ ପ୍ରତିବର୍ଷ ରାଜ୍ୟ ବାହାରୁ ଆସୁଥିବା ଦଲାଲମାନେ ସ୍ଥାନୀୟ ବେପାରୀ ମାଧ୍ୟମରେ କମ୍ ଦରରେ ଧାନ କିଣି ମାଲାମାଲ ହେଉଛନ୍ତି।

# ପର୍ଯ୍ୟଟନ ମନ୍ତ୍ରୀଙ୍କ ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ସମୀକ୍ଷା



ସମୀକ୍ଷା କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଓ ଅନ୍ୟମାନେ।

ଜଳେଶ୍ୱର, ୯।୧୨(ଡି.ଏନ.ଏ.)

ଚଳିତ ଶିକ୍ଷାବର୍ଷରେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ଚାକୁଆପଦାଠାରେ ନିର୍ମାଣ ହୋଇଥିବା ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଶିକ୍ଷାବର୍ଷ ଆରମ୍ଭରେ ୮୧ଜଣ ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଛନ୍ତି। କିନ୍ତୁ ଛାତ୍ରାବାସ ବିନା ବିଦ୍ୟାଳୟରେ ଶିକ୍ଷାଦାନ ଅସମ୍ଭବ ବୋଲି ସମୀକ୍ଷା ବୈଠକରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ର କହିଛନ୍ତି । ୫ କୋଟି ୯୭ଲକ୍ଷ ୯୯ହଜାର ଟଙ୍କା ବ୍ୟୟରେ ୨୯।୯।୨୦୧୯ରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ନିୟମ ଅନୁଯାୟୀ ୧୨।୯।୨୦ରେ ଏହି କାର୍ଯ୍ୟ ଶେଷ ହେବା କଥା। କିନ୍ତୁ ସରକାରଙ୍କ ଡିଜାଇନ ପରିବର୍ତ୍ତନ, କରୋନା କଟକଣା ଯୋଗୁ ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟ ଶେଷ ହୋଇପାରି ନ ଥିଲା। ଏବେ ଅସ୍ଥାୟୀ ଭାବେ ୮୧ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଖୁଆଡ ଉଚ୍ଚ ବିଦ୍ୟାଳୟ ପରିସରରେ ଶ୍ରେଣୀ ଚାଲୁଅଛି। ୫ଜଣ ଶିକ୍ଷୟିତ୍ରୀ ଶିକ୍ଷକ ୮୧ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରୁଥିବା ବେଳେ ୩ଜଣ ଅଣଶିକ୍ଷକ ରହିଥିବା ସମୀକ୍ଷା ବୈଠକରୁ ଜଣାଯାଇଛି। କିନ୍ତୁ ନୂତନ ବିଦ୍ୟାଳୟରେ ଛାତ୍ରାବାସ ବିନା ଛାତ୍ରୀଛାତ୍ରଙ୍କ ଶିକ୍ଷାଲାଭ କରାଇବା ଅସମ୍ଭବ ବୋଲି ମନ୍ତ୍ରୀ ପାତ୍ର ସୂଚନା ଦେଇଥିଲେ। ପାଚେରି ନିର୍ମାଣ ହୋଇ ନ ଥିବା ତଥା ଛାତ୍ରୀଛାତ୍ରଙ୍କ ଲାଗି ପୃଥକ ଛାତ୍ରାବାସ ନିର୍ମାଣ ଖୁବ୍‌ଶୀଘ୍ର ହେବା ସମ୍ପର୍କରେ ପାତ୍ର କହିଥିଲେ। ସମୀକ୍ଷା ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଇଂ. କ୍ଷୀରୋଦ ଚନ୍ଦ୍ର ସାମଲ, ଉପଖଣ୍ଡ ଯନ୍ତ୍ରୀ ତୁଷାରକାନ୍ତି ବେହେରା, ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ସାହୁ, କନିଷ୍ଠଯନ୍ତ୍ରୀ ଶ୍ୟାମଲାଲ କିସ୍କୁ, ଠିକାଦାର ସଞ୍ଜୀବ କୁମାର ନାୟକ ଓ ସୁଜିତ୍ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଆଲୋଚନାରେ ଜିଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ଦିଲୀପ ସାମଲ, ଗଙ୍ଗାଧର ଦାସ, ମଧୁସୂଦନ ସେନାପତି, ବ୍ରିଜେସ୍ ରଣା, ଅଜୟ ମହାନ୍ତି, ମୁନିନ୍ଦ୍ର ଧର, ବିଷ୍ଣୁପଦ ଆଚାର୍ଯ୍ୟ, ଆଲୋକ ଗିରି, ଯତିନ୍ଦ୍ର ମହାନ୍ତି, ବିଜୟ ବେହେରା, ସୂର୍ଯ୍ୟେନ୍ଦୁ ପାଳ ଓ ସମୀର ଘଡେଇ ପ୍ରମୁଖ ଭାଗ ନେଇଥିଲେ ।

## ୨୧୦ଗ୍ରାମ ବ୍ରାଉନସୁଗାର ଜବତ, ଅଭିଯୁକ୍ତ ଗିରଫ

ରୂପସା, ୯।୧୨(ଡି.ଏନ.ଏ.)-ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ମିଳିତ ଭାବେ ୧୦ ଜଣିଆ ଏକ ସ୍ୱତନ୍ତ୍ର ଟିମ୍ ଚଢାଉ କରି ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨୧୦ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ଅବକାରୀ କମିଶନର ଆଶିଷ କୁମାର ସିଂ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପ୍ରତାପ ଚନ୍ଦ୍ର ଦାସଙ୍କ ନିର୍ଦ୍ଦେଶକ୍ରମେ ବସ୍ତା ଥାନା ପତ୍ରଝଡ଼ା ପଞ୍ଚାୟତ ସରଡ଼ିହା ରାସ୍ତାରେ ଚଢାଉ କରି ୨୧୦ଗ୍ରାମ ବ୍ରାଉନସୁଗାର ଓ ଟିଭିଏସ୍ ବାଇକ୍ (ଓଡ଼ି୦୧ଏଏମ-୦୫୧୦) ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ବସ୍ତା ଥାନା ସଦାନନ୍ଦପୁର ଗ୍ରାମର ସେଖ ସୁଲାମୁଦ୍ଦିନ (୩୫)। ଏନେଇ ଏକ ମାମଲା (ନଂ. ୪/୨୨-୨୩) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ୫୪୩ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଲେ ବିଧାୟକ

ବାସୁଦେବପୁର,୯।୧୨(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଫିସ୍ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ୫୪୩ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ବିଡିଓ ସତ୍ୟଜିତ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଏମ୍‌ପି ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ବ୍ଲକ ଉପାଧକ୍ଷାଙ୍କ ପ୍ରତିନିଧି ରତିକାନ୍ତ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଭାରଞ୍ଜିତା ପୁହାଣ ଓ ସହକର୍ମୀ ପ୍ରିତିପ୍ରକାଶ ମିଶ୍ର ଉପସ୍ଥିତ ଥିଲେ।

## ଖବରଦାତାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ଧାମନଗର,୯।୧୨(ସ୍ୱ.ପ୍ର.)-ଭଦ୍ରକ ଜିଲା ଧାମନଗର ପ୍ରେସ୍ କ୍ଲବ ପକ୍ଷରୁ ଯୁବ ଖବରଦାତା ହରେକୃଷ୍ଣ ରଣାଙ୍କ ଅକାଳ ବିୟୋଗରେ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ରସାନନ୍ଦ ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ପ୍ରଦୀପ ମହାପାତ୍ର, ଖବରଦାତା ସୁଧାକର ଦାଶ, ସେକ୍ ଜାଫର ଅଲ୍ଲୀ, ସୁଶାନ୍ତ ରାଉତ, ବିଜୟ ରାମ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। କୃଷ୍ଣଚନ୍ଦ୍ର ଜେନା, ସଞ୍ଜୀବ ମହାନ୍ତି, ମନୋଜ କୁମାର ଜେନା, ବିବେକ ସାମଲ, ବିଶ୍ୱଜିତ୍ ପଲେଇ, ସନ୍ତୋଷ କୁମାର ମହାପାତ୍ର, ଗୌରାଙ୍ଗ ଦାଶ, ଅଭିମନ୍ୟୁ ମଲ୍ଲିକ, ନିରାକାର ଧଳ, ଚିତ୍ତରଞ୍ଜନ ଦାଶ, ଦେବାଶିଷ ରଥ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ।

## ଗଡ଼ିଲା ଧାନ ସଂଗ୍ରହ ସଚେତନତା ରଥ

କେନ୍ଦୁଝର, ୯।୧୨(ଡି.ଏନ୍.ଏ.)-କେନ୍ଦୁଝର ସଦର ଉପଖଣ୍ଡରେ କୃଷକମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଧାନ ସଂଗ୍ରହ ସଚେତନତା ରଥ ଶୁକ୍ରବାର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଏହି ରଥ ସଦର ସବ୍‌ଡିଭିଜନର ୭ ବ୍ଲକ ପରିକ୍ରମା କରି ଧାନ ସଂଗ୍ରହ ସମ୍ପର୍କରେ ସଚେତନ କରାଇବ। ପଳାଶପଙ୍ଗା, ଶୁଆକାଟୀ, ନୟାକୋଟ, କାଳିଆହତା, ଶିରିଗିଡା, ତେଲକୋଇ, ସାହାରପଡା, ପାଟଣା, ରାଜନଗର, ଡେଙ୍ଗିକୋଟ, ହରିଚନ୍ଦନପୁର, ଜର୍ଘିରା ଆଦି ୧୩ ଲ୍ୟାମ୍ପ୍ସର ୩୧୯ କେନ୍ଦ୍ରରେ ଧାନ ସଂଗ୍ରହ କରାଯିବ ବୋଲି ଜଣାଯାଇଛି। ଗତ ୭ ତାରିଖଠାରୁ ଧାନ ସଂଗ୍ରହ କରାଯାଉଥିବା ବେଳେ ଆସନ୍ତା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲୁ ରହିବ। ଜିଲା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ବସନ୍ତ ପଣ୍ଡା, ଅତିରିକ୍ତ ବେସାମରିକ ଯୋଗାଣ ଅଧିକାରୀ ବୀରକିଶୋର ମାରାଣ୍ଡି, ମନମୋହନ ପଟ୍ଟନାୟକ, ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ବସନ୍ତ କୁମାର ନାଏକ, ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ନିହାର ରଞ୍ଜନ ମିଶ୍ର, ନିର୍ଦ୍ଦେଶକ ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଶିଶୁ ଉତ୍ସବରେ ୩୦ ପ୍ରତିଯୋଗୀ



ଶିଶୁ ଉତ୍ସବରେ ଛାତ୍ରୀମାନଙ୍କ ଦ୍ୱାରା ଅନୁଷ୍ଠିତ ସ୍ୱାଗତ ନୃତ୍ୟ।

ସିମୁଳିଆ, ୯।୧୨(ଡି.ଏନ.ଏ.)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଦ୍ୱାରା ବ୍ଲକସ୍ତରୀୟ ଶିଶୁ ଉତ୍ସବ ସିମୁଳିଆ ବ୍ଲକର ଦଶଭୁଜା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ବ୍ଲକ ସଭାପତି ଭଗବାନ ବାରିକ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା କଣ୍ଠସଙ୍ଗୀତ, ଏକକ ନୃତ୍ୟ, ସାଧାରଣ ଜ୍ଞାନ, କୁଇଜ ଆଦି ବିଭିନ୍ନ ୧୦ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବିଭିନ୍ନ ବିଭାଗରୁ ୩ଜଣ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ରୂପେ ବିଇଓ ପ୍ରକାଶ ଚନ୍ଦ୍ର ମହାଳିକ, ଓଷ୍ଟା ଜିଲା ସଭାପତି ବାଦଲ ଚନ୍ଦ୍ର ପାତ୍ର, ସମ୍ପାଦକ ମନୋରଞ୍ଜନ ଦାସ, ପୂର୍ଣ୍ଣଚନ୍ଦ୍ର ମହାଳିକ, ପଦ୍ମଲୋଚନ ଦାଶ, ସୂର୍ଯ୍ୟମଣି ବୋଇତି, କମଳାକାନ୍ତ ପତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଓଷ୍ଟା ବ୍ଲକ ସମ୍ପାଦକ ପ୍ରସନ୍ନ କୁମାର ଧଳ ବାର୍ଷିକ ବିବରଣୀ ପାଠ, ଦଶଭୁଜା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଘୁନାଥ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ବନମାଳୀ ନାୟକ ଓ ସନ୍ଧ୍ୟାରାଣୀ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ।

## ୧୦ ସେବାନିବୃତ୍ତ ଶିକ୍ଷକଙ୍କୁ ବାଇଧର ଦାଶ ସ୍ମୃତି ସମ୍ମାନ

ଧାମନଗର, ୯।୧୨ (ଡି.ଏନ.ଏ/ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ବ୍ଲକ ଛକ ନିକଟ ରାମ ମନ୍ଦିର ପରିସରରେ ଆଦର୍ଶ ଶିକ୍ଷକ ତଥା ରାମଦୟା ପରିଷଦର ପ୍ରତିଷ୍ଠାତା ସ୍ୱର୍ଗତ ବାଇଧର ଦାଶଙ୍କ ପ୍ରଥମ ବାର୍ଷିକ ସ୍ମୃତି ସଭା ସମ୍ପାଦକ ହେମେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ଏନ୍‌ଏସି ଅଧକ୍ଷା ନିବେଦିତା ଜେନା, ଦୟାନିଧି ମିଶ୍ର, ସହକାରୀ ବ୍ଲକ ଶିକ୍ଷାଧିକାରୀ ମନୋଜ କୁମାର ଜେନା, କାନ୍ତ ସାହିତ୍ୟ ପରିଷଦର ସଭାପତି ରସାନନ୍ଦ ମହାପାତ୍ର, ସମ୍ପାଦକ ସଚିକାନ୍ତ ପଣ୍ଡା, ନିରାକାର ଧଳ, ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ସ୍ୱାଇଁ, ଭାବଗ୍ରାହୀ ଖୁଣ୍ଟିଆ, ମନୋଜ କୁମାର ସିଂହ, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ଅଧ୍ୟାପକ ଚିତ୍ତରଞ୍ଜନ ଦାଶ, ବାସୁଦେବ ତ୍ରିପାଠୀ, ପ୍ରଦୀପ ମହାପାତ୍ର, ଅଭିମନ୍ୟୁ ମଲ୍ଲିକ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ବାଇଧର ଜଣେ ଆଧାତ୍ମିକ ବ୍ୟକ୍ତି, ଆଦର୍ଶ ଶିକ୍ଷକ ଓ ଖବରଦାତା ସହ ବହୁ ଅନୁଷ୍ଠାନର ପ୍ରତିଷ୍ଠାତା ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୧୦ଜଣ ସେବା ନିବୃତ୍ତ ଶିକ୍ଷକଙ୍କୁ ବାଇଧର ଦାଶ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସ୍ୱର୍ଗତ ଦାଶଙ୍କ ପ୍ରତିମୂର୍ତ୍ତିକୁ ତାଙ୍କ ବାସଭବନ ପରିସରରେ ଅନାବରଣ କରିଥିଲେ ଭାସ୍କର ଚନ୍ଦ୍ର ସାମଲ। ସାନପୁଅ ଶ୍ୟାମଲେନ୍ଦୁ ଦାଶ କୃତଜ୍ଞତା ଜ୍ଞାପନ କରିଥିଲେ।

# ନିଯୁକ୍ତି ପାଇବେ ୫୦ କର୍ମଚାରୀ

## ଦ୍ୱିତୀୟ ଶିବନାରାୟଣପୁରରେ କାଜୁ ଫ୍ୟାକ୍ଟ୍ରି ଉଦ୍‌ଘାଟିତ



ଉଦ୍‌ଘାଟନ ଅବସରରେ ପୂଜାର୍ଚ୍ଚନା।

ପାଟଣା,୯।୧୨(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଅଧୀନ ବଡ଼ପାଟଣା ପଞ୍ଚାୟତ ଦ୍ୱିତୀୟ ଶିବନାରାୟଣପୁରରେ ଶୁକ୍ରବାର ଶାମ୍ୟା ମା' ଫୁଡ୍ ଟେକ୍ ଲିମିଟେଡ୍ (କାଜୁ ପ୍ରକ୍ରିୟାକରଣ ଶିଳ୍ପକେନ୍ଦ୍ର) ଉଦ୍‌ଘାଟିତ ହୋଇଛି। ଏହି ଫ୍ୟାକ୍ଟ୍ରିରେ ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ନିଯୁକ୍ତି ପାଇବେ ବୋଲି ପରିଚାଳନା ନିର୍ଦ୍ଦେଶିକା ସ୍ୱପ୍ନାରାଣୀ ଦାଶ କହିଛନ୍ତି। ଶିଳ୍ପକେନ୍ଦ୍ର ପ୍ରତିଷ୍ଠା ଉତ୍ସବରେ ପୂଜକ ଭାବେ ପଣ୍ଡିତ ଅଲେଖ ଚନ୍ଦ୍ର ତ୍ରିପାଠୀ, ତରୁଣ କୁମାର ତ୍ରିପାଠୀ ଓ ନିରଞ୍ଜନ କର ପୂଜା କରିଥିବା ବେଳେ କର୍ତ୍ତା ଭାବେ ଅରବିନ୍ଦ ଦାଶ ଏବଂ ତାଙ୍କ ସ୍ତ୍ରୀ ଚନ୍ଦ୍ରାବତୀ ତ୍ରିପାଠୀ ଦେବନୀତି ସମ୍ପନ୍ନ କରିଥିଲେ। ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ଜଗନ୍ନାଥ ନାଏକ, ବ୍ଲକ ଅଧକ୍ଷା ସୁକାନ୍ତି ନାଏକ, ବଡ଼ପାଟଣା ସରପଞ୍ଚ ବିନତି ବାନରା, ବିଜେଡି ବ୍ଲକ ସଭାପତି ମାଧବାନନ୍ଦ ପୃଷ୍ଟି, ଜିଲା ବିଜେଡି ସମ୍ପାଦକ ପ୍ରଶାନ୍ତ ଭଞ୍ଜ, ସେୟାର ହୋଲ୍ଡର ବିବେକାନନ୍ଦ ଦାଶ, ଶିବନାରାୟଣ ମିଶ୍ର, ତପନ କୁମାର ପଣ୍ଡା, ଅରବିନ୍ଦ ଦାଶ, ଦୀପକ କୁମାର ଲେଙ୍କା, ଦିବ୍ୟଜ୍ୟୋତି ଦାଶ ପ୍ରମୁଖ ଯୋଗ ଦେଇଥିଲେ।

# ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ

ଡେଙ୍ଗିକୋଟ,୯।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ସାନ୍ତରାପୁର ପଞ୍ଚାୟତ ଅନ୍ତର୍ଗତ ସାନ୍ତରାପୁର ମୁସଲିମ ବସ୍ତିରେ ରାଜ୍ୟସ୍ତରୀୟ ତୃତୀୟ ବାର୍ଷିକ ଭଲିବଲ ଟୁର୍ନାମେଣ୍ଟ ୟଙ୍ଗ ଷ୍ଟାର ୟୁଥ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟପୁର, ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲ, ସୂର୍ଯ୍ୟଶିକ୍ଷା ଭଦ୍ରକ , ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା, ଚାନ୍ଦକ୍ଲବ ପଣ୍ଡୁଆ ଏବଂ ରାଇଜିଂ କ୍ଲବ ରାଉରକେଲା ଭଳି ବଲ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ସ୍ପୋର୍ଟସ ହଷ୍ଟେଲ ଭୁବନେଶ୍ୱରକୁ ହରାଇ ସୂର୍ଯ୍ୟଶିକ୍ଷା ଭଦ୍ରକ ଟିମ୍ ଚାମ୍ପିୟନ ହୋଇଥିଲା। ୟୁଥ କ୍ଲବର ସଭାପତି, ସମ୍ପାଦକ ଓ ସମସ୍ତ କର୍ମକର୍ତ୍ତା ଖେଳ ପରିଚାଳନାରେ ସହଯୋଗ କରିଥିଲେ। ମ୍ୟାଚ ପରିଚାଳନା କରିଥିଲେ ଜାତୀୟସ୍ତରୀୟ ରେଫ୍ରି କଳାକାର ସାମଲ, ନିରଞ୍ଜନ ନାୟକ ଏବଂ ରାଜ୍ୟସ୍ତରୀୟ ରେଫ୍ରି ସୁଦର୍ଶନ ସେଠୀ,ସୁଶାନ୍ତ ଗୌଡ଼,ମାନସ କୁମାର ସ୍ୱାଇଁ, ଅନିଲ କୁମାର ଷଣ୍ଢ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଘସିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ସମ୍ମାନୀତ ଅତିଥି ଭାବେ କେନ୍ଦୁଝର ଜିଲା ବିଜେଡି ମହିଳା ସାଧାରଣ ସମ୍ପାଦିକା ସୁମିତ୍ରା ମହାନ୍ତ, ଜିଲା ଯୁବ ବିଜେଡି ଉପସଭାପତି ସେକ ଇମ୍ରାନ, ସାନ୍ତରାପୁର ସରପଞ୍ଚ କବିତା ସିଂହ ,ଘଟଗାଁ ବ୍ଲକ ବିଜେଡି ସଭାପତି ଦୋଳଗୋବିନ୍ଦ ବେହେରା, ବିଜେଡି ନେତା ସେକ ତାହିର ଓ ସାମାଜିକ କର୍ମୀ ନିର୍ମଳ ମହାନ୍ତ ଉପସ୍ଥିତ ରହି ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିଲେ। ଶିକ୍ଷକ ନେତା ତଥା ଓଷ୍ଟା ସମ୍ପାଦକ କାନୁଚରଣ ସାମଲ ଖେଳରେ ସହଯୋଗ କରିଥିବାରୁ ତାଙ୍କୁ ମୁଖ୍ୟ ଅତିଥି ବିଧାୟକ ପାତ୍ର ସମ୍ବର୍ଦ୍ଧିତ କରିଥିଲେ। ସେକ ଇମ୍ରାନ ଧନ୍ୟବାଦ ଅର୍ପଣ କରିଥିଲେ।

# 'ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ଆନ୍ଦୋଳନ'

## ବିରୋଧ କଲେ ଲୋକେ

କେନ୍ଦୁଝର,୯।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅଧୀନ ଉପର କାଦକଳା ଗ୍ରାମରେ ଥିବା ମେସର୍ସ ପ୍ରକାଶ ଇଣ୍ଡଷ୍ଟ୍ରିଜ ଲିଃର ସିରିକାଗୁଟୁ ଆଇରନ ଆଣ୍ଡ ମାଙ୍ଗାନିଜ ଖଣି ରାସ୍ତାକୁ ଖଣ୍ଡାଧାର ଆଞ୍ଚଳିକ ଉନ୍ନୟନ ସଂଘ ପକ୍ଷରୁ ୯ଦଫା ଦାବିରେ ଅବରୋଧ କରି ଆନ୍ଦୋଳନ କରିବା ନେଇ ବିବାଦ ଦେଖାଦେଇଛି। କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ନ କରି ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କେତେକ ଲୋକଙ୍କୁ ପ୍ରଲୋଭନ ଦେଖାଇ ସ୍ଥାନୀୟ ସରପଞ୍ଚ ଏଭଳି ଆନ୍ଦୋଳନ କରୁଥିବା ଉପର କାଦକଳା ଗ୍ରାମର ଅଧିବାସୀମାନେ ଶୁକ୍ରବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନେ ଏହାର କପି ଏସ୍‌ପି, ସଦର ଉପଜିଲାପାଳ, ସଦର ଏସ୍‌ଡିପିଓ ଓ ନୟାକୋଟ ଥାନା ଆଇଆଇସିଙ୍କୁ ପ୍ରଦାନ କରିଛନ୍ତି। ଶୁକ୍ରବାର କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଆନ୍ଦୋଳନ ପ୍ରତ୍ୟାହୃତ କରାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଉକ୍ତ ଖଣିରେ ସ୍ଥାନୀୟ ଅଞ୍ଚଳର ଆଦିବାସୀମାନେ କାମଧନ୍ଦା କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି। କମ୍ପାନୀ ଲୋକଙ୍କୁ କାମ ଦେବା ସହ ସ୍ଥାନୀୟ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ ଆଦି ସୁବିଧା କରିଆସୁଥିବାରୁ ସହଯୋଗ କରିଆସୁଥିଲେ। ତେବେ କେତେକ ଲୋକ ନିଜର ସ୍ୱାର୍ଥ ପାଇଁ ବିଭିନ୍ନ ଦାବିରେ ଗତ ୮ ତାରିଖରୁ ଉକ୍ତ ରାସ୍ତା ଅବରୋଧ କରିଥିବାରୁ ଖଣି ପରିବହନ କାର୍ଯ୍ୟ ପ୍ରଭାବିତ ହୋଇଛି। ଫଳରେ ଉକ୍ତ ଖଣିରେ କାମ କରୁଥିବା ସ୍ଥାନୀୟ ଲୋକେ କାମ ନ ପାଇ ବସି ରହିଥିଲେ। ଅଗଣତାନ୍ତ୍ରିକ ଭାବେ ଆନ୍ଦୋଳନ ହୋଇଥିବାରୁ ଉପର କାଦକଳା ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଉକ୍ତ କମ୍ପାନୀରେ ୨୨୨ଜଣ ଲୋକ କାମ କରୁଥିବା ବେଳେ ସେଥିମଧ୍ୟରୁ ୯୦ ପ୍ରତିଶତ ଲୋକ ସ୍ଥାନୀୟ ଗ୍ରାମବାସୀ ଥିବାରୁ ଲୋକଙ୍କ ବିରୋଧ ନ ଥିଲା। କମ୍ପାନୀ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ କରିବା ସହ ଡିଏମ୍‌ଏଫ୍ ଫଣ୍ଡରେ ମଧ୍ୟ ଅର୍ଥ ଦେଇଆସୁଛି। ଏଣୁ ଲୋକଙ୍କ ସମର୍ଥନରେ ସୁରୁଖୁରୁରେ ଖଣି କାର୍ଯ୍ୟ ଚାଲି ଆସୁଥିଲା ବୋଲି କମ୍ପାନୀର ସାଧାରଣ ପରିଚାଳକ ମୃତ୍ୟୁଞ୍ଜୟ ରାଉତରାୟ ପ୍ରକାଶ କରିଛନ୍ତି।

# 'ସ୍ଥାଣୁ ପାଲଟିଛି ବାଲେଶ୍ୱର ପୌରପାଳିକା'

## ଖବରଦାତା ସମ୍ମିଳନୀରେ ଭାଜପାର ଅଭିଯୋଗ




ଖବରଦାତା ସମ୍ମିଳନୀରେ ଭାଜପାର ନଗର ଶାଖା କର୍ମକର୍ତ୍ତା।

ବାଲେଶ୍ୱର ଅଫିସ, ୯।୧୨

ଦୀର୍ଘ ୮ ମାସ ହେଲା ପୌର ନିର୍ବାଚନ ଶେଷ ହୋଇଥିଲେ ମଧ୍ୟ ବାଲେଶ୍ୱର ସହରରେ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇନାହିଁ। ବାଲେଶ୍ୱର ପୌରପାଳିକାର ସ୍ଥାଣୁତାକୁ ନେଇ ଭାଜପାର ନଗର ଶାଖା ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ କରାଯାଇ ଉଦ୍‌ବେଗ ପ୍ରକାଶ କରାଯାଇଛି। ଏଥିରେ ଭାଜପା ସମର୍ଥିତ କାଉନସିଲରମାନେ ଯୋଗଦେଇ ଏହାର ପ୍ରତିବାଦ କରିଛନ୍ତି।

ସ୍ଥାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତି, ୱାର୍ଡ଼ଗୁଡ଼ିକରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପରିଷଦର ନିଷ୍ପତ୍ତି ଅନୁଯାୟୀ ଟେଣ୍ଡର ପ୍ରକ୍ରିୟା ଆରମ୍ଭ, ସହର ପରିମଳ ବ୍ୟବସ୍ଥା ଠିକ୍ ଢଙ୍ଗରେ ପରିଚାଳନା ପାଇଁ ଠିକାଦାରଙ୍କ ସହ ମଧୁଚନ୍ଦ୍ରିକା ବନ୍ଦ କରି ନୂତନ ଟେଣ୍ଡର ପ୍ରକ୍ରିୟା ଆରମ୍ଭ, ରକ୍ଷଣାବେକ୍ଷଣ ଅଭାବରୁ ବନ୍ଦ ପଡ଼ିଥିବା ଷ୍ଟ୍ରିଟ୍‌ଲାଇଟ୍ ମରାମତି ସହ ନୂତନ ଲାଇଟ୍ ଲଗାଇବା, ପୌରପାଳିକାରୁ ଜନସ୍ୱାସ୍ଥ୍ୟ ବିଭାଗ ୧୦କୋଟି ଟଙ୍କା ନେଇଥିବା ସତ୍ତ୍ୱେ ଉତ୍କଟ ହୋଇଥିବା ଜଳ ସମସ୍ୟାର ତୁରନ୍ତ ସମାଧାନ, ନୂତନ ଟାଉନ ବସ୍ ପ୍ରଚଳନ ପାଇଁ ଭାଜପା ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, କାଉନସିଲର ସତ୍ୟଶିବ ସୁନ୍ଦର ଦାସ, ପୂର୍ବତନ କାଉନସିଲର ଜୟପ୍ରକାଶ ଦାଶ ପ୍ରମୁଖ ଦାବି କରିଥିଲେ। ସାମ୍ପ୍ରତିକ ସ୍ଥିତିରେ ପୌରପାଳିକାରେ ଉପୁଜିଥିବା ସମସ୍ୟା ଓ ତାହାର ନିରାକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ପୂର୍ବ ପୌରପରିଷଦ ଭାଙ୍ଗିବାର ସାଢ଼େ ୩ବର୍ଷ ପରେ ପୌର ନିର୍ବାଚନ ଦ୍ୱାରା ଏକକ ବ୍ୟକ୍ତି ପରିଚାଳିତ ପୌରପରିଷଦ ସମାପ୍ତି ସହ ନୂତନ ପରିଷଦ ଗଠନ ହୋଇଥିଲା। ମାତ୍ର ଅଧିକାରୀଙ୍କ ଉଦାସୀନତା ଯୋଗୁ ପରିଷଦରେ ଗ୍ରହଣ ହେଉଥିବା ନିଷ୍ପତ୍ତି ଅନୁଯାୟୀ ସହରରେ କୌଣସି ପ୍ରକାର ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନାହିଁ। ଦୀର୍ଘବର୍ଷ ଧରି ସ୍ଥାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତିରେ ରାଜ୍ୟ ସରକାରଙ୍କ ଉଦାସୀନତା ପାଇଁ ପୌରପାଳିକାର କାର୍ଯ୍ୟଦକ୍ଷତା ସଙ୍କୁଚିତ ହେଉଥିବା ସହ ବିଭିନ୍ନ ସମସ୍ୟା ଜଟିଳତା ମଧ୍ୟକୁ ଠେଲି ହୋଇଯାଉଛି। ନିର୍ବାଚିତ କାଉନସିଲରମାନେ ପୌର ପରିଷଦ ବୈଠକରେ ୱାର୍ଡ଼ରେ ଦେଖାଦେଉଥିବା ସମସ୍ୟା ନେଇ ବାରମ୍ବାର ସ୍ୱର ଉତ୍ତୋଳନ କରୁଥିବା ସତ୍ତ୍ୱେ ଗୋଟିଏ ହେଲେ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରୁନାହିଁ। ମାସକୁ ମାସ ବଦଳୁଥିବା ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ପୌରାଧ୍ୟକ୍ଷା ଓ କାଉନସିଲରମାନଙ୍କ ସମନ୍ୱୟ ଅଭାବରୁ ବାଲେଶ୍ୱର ପୌରପାଳିକା ଏବେ ଦିଗଭ୍ରଷ୍ଟ ହୋଇଥିବା ଭାଜପା ନେତାମାନେ ଅଭିଯୋଗ କରିଥିଲେ। ଭାଜପା ମିଡିଆ ସହ ସଂଯୋଜକ ଅରୂପ ଜେନା ଖବରଦାତା ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ରୋଜାଲିନ ପାଣି, ଗୋରୀ ଦାଶ, ସସ୍ମିତା ନାଥ, ପ୍ରତିମା ବେହେରା, ନିରୂପମା ଦାଶ, ସୁଚିସ୍ମିତା ପଣ୍ଡା, ଭାରତୀ ପାତ୍ର, ନିତ୍ୟଗୋପାଲ ସିଂ ପ୍ରମୁଖ କାଉନସିଲରଙ୍କ ସମେତ ସଂଯୁକ୍ତା ମହାପାତ୍ର, କାର୍ତ୍ତିକ ନାଥ, ବିବେକାନନ୍ଦ ମହାନ୍ତି, ଶୈଳେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**୩୦ ଫୁଟ୍ ତଳକୁ ଖସିପଡ଼ିଲେ ବାଇକ୍ ଚାଳକ**

ପାଟଣା, (ସ୍ୱ.ପ୍ର.)-କେନ୍ଦୁଝର ଜିଲା ଢେଙ୍କିକୋଟ-ପାଟଣା ରାସ୍ତାର ମଙ୍ଗଳପୁର ସିମୁଳି ନାଳ ପୋଲଠାରେ ଶୁକ୍ରବାର ଅପରାହ୍ନରେ ଏକ ବାଇକ୍ ଚାଳକ ସୁରକ୍ଷାବାଡ଼କୁ ଧକ୍କା ଦେଇ ୩୦ ଫୁଟ ତଳକୁ ଖସିପଡ଼ି ଗୁରୁତର ହୋଇଛନ୍ତି। ଯୁବକ ଜଣକ ହେଉଛନ୍ତି ମୟୂରଭଞ୍ଜ ଜିଲା ତିରିଙ୍ଗ ଥାନା ଅଧୀନ ଭଗବନ୍ଦୀ ଗ୍ରାମର କୁନାରାମ ମାଝି। ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### ୫ ବ୍ୟବସାୟିକ ପ୍ରତିଷ୍ଠାନରେ ଜିଏସ୍‌ଟି ଚଢ଼ାଉ

ଠାକୁରମୁଣ୍ଡା,୯।୧୨(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବଜାରରେ ଥିବା ୫ ବ୍ୟବସାୟିକ ପ୍ରତିଷ୍ଠାନରେ ଶୁକ୍ରବାର ସିଟି ଆଣ୍ଡ ଜିଏସ୍‌ଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ବାଲେଶ୍ୱର ଜିଏସ୍‌ଟି ଡେପୁଟି କମିଶନର କୁଳମଣି ମଲ୍ଲିକଙ୍କ ନେତୃତ୍ୱରେ ବାଲେଶ୍ୱର ଓ ବାରିପଦା ଜିଏସ୍‌ଟି ବିଭାଗର କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ। ସୁରକ୍ଷା ଦୃଷ୍ଟିରୁ ଚଢ଼ାଉ ସମୟରେ ପୋଲିସ ଫୋର୍ସ ମୃତୟନ ହୋଇଥିଲେ। ଠାକୁରମୁଣ୍ଡାରେ ଥିବା ନ୍ୟୁ ଫେସନ ପ୍ଲାଜା, ବୋଲବମ୍ ଷ୍ଟୋର,ବୋଲବମ୍ ଏଣ୍ଟରପ୍ରାଇଜ୍, ଶିବଶକ୍ତି ହାର୍ଡ ୱେୟାର ଆଣ୍ଡ ଫର୍ନିଚର, ସାଇରାମ ହାର୍ଡ ୱେୟାର ବ୍ୟବସାୟିକ ପ୍ରତିଷ୍ଠାନ ଓ ଗୋଦାମ ଗୃହ ଉପରେ ଏହି ଚଢ଼ାଉ କରାଯାଇଥିଲା। ଯାଞ୍ଚ ପରେ କେତେ ଟଙ୍କାର ଟିକସ ଫାଙ୍କି ହୋଇଛି ତାହା ଜଣାପଡ଼ିବ ବୋଲି ଜିଏସ୍‌ଟି ଡେପୁଟି କମିଶନର ମଲ୍ଲିକ କହିଛନ୍ତି। ତେବେ ଚଢ଼ାଉ ଭୟରେ ଠାକୁରମୁଣ୍ଡା ବଜାରରେ ଥିବା ବହୁ ଦୋକାନ ବନ୍ଦ ହୋଇଯାଇଥିବା ଦେଖିବାକୁ ମିଳିଥିଲା।

### ଦୁର୍ଘଟଣାରେ ମହିଳା ଗୁରୁତର

ବାଙ୍ଗିରିପୋଷି,୯।୧୨(ଡି.ଏନ.ଏ.)- ବାଙ୍ଗିରିପୋଷି ଥାନା ଅଞ୍ଚଳରେ ଶୁକ୍ରବାର ଦୁର୍ଘଟଣାରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ନିଶ୍ଚିନ୍ତା ପଞ୍ଚାୟତ ପଥରଖମ ଗ୍ରାମର କ୍ଷୀରୋଦ ଚନ୍ଦ୍ର ସାହୁଙ୍କ ସ୍ତ୍ରୀ ସୁମତୀ (୫୪)। ୪୯ନଂ. ଜାତୀୟ ରାଜପଥ ଘାଟି ତଳେ ସେ ନିଜ ଘରକୁ ଯିବା ପାଇଁ ରାସ୍ତା ପାର ହେବା ବେଳେ ଏକ କଣ୍ଟେନର ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ବାଙ୍ଗିରିପୋଷି ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିଛି।

### ହାତୀ ଘଉଡ଼ାଇବା ପାଇଁ କାଜୁ ବଗିଚାରେ ନିଆଁ ଲଗାଇଲେ

ପାଟଣା,୯।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଧୀନ କେନ୍ଦେଇପଶି ବିଟ୍ ସୀମାରେ ଜଳ ବିଭାଜିକା ପକ୍ଷରୁ ଲଗା ଯାଇଥିବା କାଜୁ ବଗିଚା ଓ ଆକାଶିଆ ଜଙ୍ଗଲରେ ୨୩ ଟିକିଆ ଝାଡ଼ଖଣ୍ଡୀ ହାତୀପଲ ଡେରା ପକାଇଛନ୍ତି। ଏହି ହାତୀପଲଙ୍କୁ ଗାଁରେ ପୂରାଇ ନ ଦେବା ଲାଗି ଲୋକେ ଶୁକ୍ରବାର କାଜୁ ବଗିଚାର ଉଭୟ ପାର୍ଶ୍ୱରେ ନିଆଁ ଲଗାଇ ଦେଇଛନ୍ତି। ଏହି ନିଆଁରୁ କାଜୁ ବଗିଚା ମଧ୍ୟ ଭାଗରେ ଥିବା ହାତୀ ପଲ ଅଳ୍ପକେ ବର୍ତ୍ତି ଯାଇଛନ୍ତି। କାଜୁ ବଗିଚାରେ ନିଆଁ ଲାଗିବା ଫଳରେ ୨୦୦ ଶହରୁ ଊର୍ଦ୍ଧ୍ୱ କାଜୁ ଗଛ ଜଳି ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିଶମ ବାହିନୀ ପକ୍ଷରୁ ଷ୍ଟେଶନ ପରିଚାଳକ ମନୋରଞ୍ଜନ ମହାନ୍ତି, ମୁଖ୍ୟ ଆଗ୍ନିକ ପ୍ରକାଶ ବଳ, ସୁଶାନ୍ତ ନାଏକ, ଯତୀନ୍ଦ୍ର ଭୋଇ ପ୍ରମୁଖ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଯୋଡ଼ା ଲକ୍ଷ୍ମୀ ମନ୍ଦିରରେ ଶାନ୍ତି ମହାଯଜ୍ଞ

ଯୋଡ଼ା,୯।୧୨(ଡି.ଏନ.ଏ.)-କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ଲକ୍ଷ୍ମୀ ମନ୍ଦିରରେ ଗୁରୁବାର ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମାର୍ଗଶିର ମାସ ଶେଷ ଗୁରୁବାର ତଥା ପାଣ୍ଡୁ ପୂର୍ଣ୍ଣିମା ଅବସରରେ ଲକ୍ଷ୍ମୀ ମନ୍ଦିରରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ୩୦ ପର୍ଯ୍ୟନ୍ତ ମହାଯଜ୍ଞ ହୋଇଥିଲା। କେନ୍ଦୁଝର ରାଜାଙ୍କ ରାଜଗୁରୁ ଆସି ଏହି ଯଜ୍ଞକୁ ସମ୍ପନ୍ନ କରିଥିଲେ। ମନ୍ଦିର ପୂଜକ ରାକେଶ ଶୁକ୍ଳା ଏବଂ କମିଟି ସଭାପତି ଦୁଃଶାସନ ସାହୁ, ଉପସଭାପତି ନୀଳମଣି ମହାନ୍ତି, କୋଷାଧକ୍ଷ ଭୋଳାନାଥ ସାହୁ, ସଭ୍ୟ ପୁରୁଷୋତ୍ତମ ଦାସ ପ୍ରମୁଖଙ୍କ ସହ ମହିଳା ସମିତିର ସଭ୍ୟାମାନେ ସହଯୋଗ କରିଥିଲେ।

# ୫ବର୍ଷ ପରେ ସୂଚନା ଆବେଦନକାରୀଙ୍କୁ ମିଳିଲା ନ୍ୟାୟ

**୧୦ହଜାର ଜରିମାନା ଦେବାକୁ ଆୟୋଗଙ୍କ ନିର୍ଦ୍ଦେଶ**

ଖଇରା, ୯।୧୨(ଡି.ଏନ.ଏ.)

ସୂଚନା ଅଧିକାର ଆଇନରେ ତଥ୍ୟ ପ୍ରଦାନ ନ କରିବା ଘଟଣା ଖଇରା ବ୍ଲକ ପ୍ରଶାସନକୁ ମହଙ୍ଗା ପଡିଛି। ୫ବର୍ଷ ପରେ ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଆଳଦା ଗ୍ରାମର ପଦ୍ମଲୋଚନ ଦାସଙ୍କୁ ନ୍ୟାୟ ମିଳିଛି। ସୂଚନା ଅଧିକାର ଆଇନ ଉଲ୍ଲଂଘନ ଅଭିଯୋଗରେ ରାଜ୍ୟ ସୂଚନା ଆୟୋଗ ତତ୍କାଳୀନ(୨୦୧୬-୧୭) ବିଡିଓ, ତଥ୍ୟ ପ୍ରଦାନ ଦାୟିତ୍ୱରେ ଥିବା ବ୍ଲକ କର୍ମଚାରୀଙ୍କ ଉପରେ ୧୦ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏଥିମଧ୍ୟରେ ସରକାରଙ୍କ ତହବିଲକୁ ୫ହଜାର ଏବଂ ଆବେଦନକାରୀ ପଦ୍ମଲୋଚନଙ୍କୁ ୫ହଜାର ଟଙ୍କା ଦରମାରୁ ଏବଂ ତାହା ପୁଣି ନିର୍ଦ୍ଦେଶ ପହଞ୍ଚିବାର ୩୦ଦିନ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। କେବଳ ସେତିକି ନୁହେଁ ଆବେଦନ ମାଗିଥିବା ସେତେବେଳର ସମସ୍ତ ତଥ୍ୟକୁ ବିନା ମୂଲ୍ୟରେ ତାଙ୍କୁ ପ୍ରଦାନ କରିବାକୁ ମଧ୍ୟ କୁହାଯାଇଛି।

୨୦୧୬ ମସିହା ନଭେମ୍ବରରେ ଆଳଦା ଖଇରା ପଞ୍ଚାୟତ ଅଧୀନ ଆଳଦା ଗ୍ରାମର ପଦ୍ମଲୋଚନ ଦିବ୍ୟାଙ୍ଗ ପ୍ରମାଣପତ୍ର, ଭତ୍ତା, ବିପିଏଲ ତାଲିକା, ଆବାସ ଯୋଜନା ଭଳି ୧୪ଟି ପଏଣ୍ଟ ଉପରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ୩୦ଦିନ ମଧ୍ୟରେ ସୂଚନା ଅଧିକାର ବଳରେ ତଥ୍ୟ ନ ମିଳିବା ପରେ ପ୍ରଥମ ଆପଲେଟ ଅଧିକାରୀ ଭାବେ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ତଥ୍ୟ ବାବଦକୁ ଜେରକ୍ସ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଆବେଦନକାରୀଙ୍କୁ ୨୦ହଜାର ଟଙ୍କା ବ୍ଲକରେ ଜମା କରିବାକୁ ଚିଠି କରାଯାଇଥିଲା। ଆବେଦନକାରୀ ଧାର୍ଯ୍ୟ ତାରିଖରେ ଅର୍ଥ ପୈଠ ପାଇଁ ଯାଇଥିଲେ ହେଁ ସେଦିନ ବିଡିଓ ଅନୁପସ୍ଥିତ ରହିବାରୁ ଆବେଦନକାରୀ ନିରାଶ ହୋଇ ଫେରିଥିଲେ। ବାରମ୍ବାର ଦୌଡିବା ପରେ ମଧ୍ୟ କାର୍ଯ୍ୟାଳୟରୁ ଏହା ଉପଲବ୍ଧ ହୋଇ ନ ଥିଲା। ବାଧ୍ୟ ହୋଇ ଆବେଦନକାରୀ ୨୦୧୭ ମସିହା ଅଗଷ୍ଟ ୨୯ତାରିଖରେ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ପାଇଁ କମିଶନ ବାରମ୍ବାର ବ୍ଲକ ଅଧିକାରୀଙ୍କୁ ଚିଠି କରିଥିଲେ ହେଁ କୌଣସି ଅଧିକାରୀ ଧାର୍ଯ୍ୟ ଦିବସରେ ଅନୁପସ୍ଥିତ ରହିଥିଲେ। ଶେଷରେ ଆୟୋଗଙ୍କ ତରଫରୁ ଏହି ରାୟ ପ୍ରଦାନ କରାଯାଇଛି। ଉକ୍ତ ରାୟର କପି ଡିସେମ୍ବର ୫ତାରିଖରେ ଦାସଙ୍କ ନିକଟରେ ପହଞ୍ଚିବା ପରେ ସେ ସନ୍ତୋଷ ବ୍ୟକ୍ତ କରିବା ପରେ ଆଇନ ଉପରେ ତାଙ୍କର ଯଥେଷ୍ଟ ଭରସା ଥିଲା ବୋଲି କହିଛନ୍ତି। ଏ ସମ୍ପର୍କରେ ବର୍ତ୍ତମାନର କାର୍ଯ୍ୟରତ ବିଡିଓ ପର୍ଶୁରାମ ପଣ୍ଡାଙ୍କୁ ଯୋଗାଯୋଗ କରିବାରେ ସେତେବେଳେ କାର୍ଯ୍ୟରତ ବିଡିଓ ଏ ସମ୍ପର୍କରେ କହିପାରିବେ ବୋଲି କହିଛନ୍ତି।

# ଉତ୍ପାତ କରୁଛି ଝାଡ଼ଖଣ୍ଡୀ ଦନ୍ତା



ଉପଦ୍ରବ ଚଳାଇଥିବା ଦନ୍ତା।

**ବ୍ୟାପକ ପରିବା ଫସଲ ନଷ୍ଟ**

ମୋରଡା,୯।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ଥମିବାର ନାମ ଧରୁନାହିଁ। କେତେବେଳେ ଝାଡ଼ଖଣ୍ଡୀ ହାତୀପଲ ତ ପୁଣି କେତେବେଳେ ଶିମିଳିପାଳ ହାତୀ ପଶି ବ୍ୟାପକ ପରିମାଣର ଧାନ, ପରିବା ଏବଂ ଅନ୍ୟାନ୍ୟ ଫସଲ ନଷ୍ଟ କରୁଛନ୍ତି। ଲୋକଙ୍କ ଜୀବନ ହାନୀ ମଧ୍ୟ ଘଟାଉଛନ୍ତି। ହାତୀ ଉପଦ୍ରବ ଯୋଗୁ ଲୋକଙ୍କ ଆଖିରୁ ନିଦ ହଜିଯାଇଛି। ଶୁକ୍ରବାର ସକାଳେ ଏକ ଝାଡ଼ଖଣ୍ଡୀ ଦନ୍ତା ମୋରଡ଼ା ବ୍ଲକ ଅଞ୍ଚଳରେ ଉତ୍ପାତ ଚଳାଇଥିଲା। ଶିଳଦା ଗ୍ରାମରେ ପ୍ରବେଶ କରି ଚାଷୀଙ୍କ ପରିବା ଫସଲ ଦଳି ଚକଟି ଖାଇ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଥିଲା। ଦନ୍ତା ଭୟରେ ଚିତ୍ରଡ଼ା-ରାଜଘାଟ ମୁଖ୍ୟ ରାସ୍ତାରେ ଗାଡ଼ି ମୋଟର ଚଳାଚଳ ବନ୍ଦ ରହିଥିଲା। ଖବର ପାଇ ରାସଗୋବିନ୍ଦପୁର ରେଞ୍ଜ କର୍ମଚାରୀମାନେ ପହଞ୍ଚି ଦନ୍ତାଟିକୁ ଘଉଡ଼ାଇଥିଲେ।

# ସେଲ୍‌ଫି ପଏଣ୍ଟ 'ଆଇ ଲଭ୍ ବାଲେଶ୍ୱର' ଉଦ୍‌ଘାଟିତ



ମନ୍ତ୍ରୀଙ୍କ ଦ୍ୱାରା ସେଲ୍‌ଫି ପଏଣ୍ଟ ଉଦ୍‌ଘାଟନ କରାଯାଉଛି।

**ସ୍ଥାନ ପାଇଲା ଓଡ଼ିଶାର କଳା ଓ ସଂସ୍କୃତି**

ବାଲେଶ୍ୱର ଅଫିସ, ୯।୧୨

ବାଲେଶ୍ୱର ସହର ପୋଲିସ ଲାଇନ୍ ଛକ ନିକଟରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ପୌରପାଳିକା ପକ୍ଷରୁ ୩୫ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ ହୋଇଥିବା ସେଲଫି ପଏଣ୍ଟ 'ଆଇ ଲଭ୍ ବାଲେଶ୍ୱର' ଉଦ୍‌ଘାଟିତ ହୋଇଛି। ରାଜ୍ୟ ଅବକାରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟଅତିଥି ଭାବେ ସେଲଫି ପଏଣ୍ଟକୁ ଉଦ୍‌ଘାଟନ କରି ଏହି ସେଲଫି ପଏଣ୍ଟରୁ ଜିଲାବାସୀ ଭରପୁର ମଜା ଉଠାଇବେ। ତେବେ ଏହାର ରକ୍ଷଣାବେକ୍ଷଣ ପ୍ରତି ବିଶେଷ ଗୁରୁତ୍ୱ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ବାଲେଶ୍ୱରର ଅତିରିକ୍ତ ଉପଜିଲାପାଳ ତଥା ପୌରପାଳିକାର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ସ୍ୱାଇଁ ପୌରୋହିତ୍ୟ କରିଥିଲେ। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ପୌରାଧକ୍ଷା ସବିତା ସାହୁ, ଉପାଧକ୍ଷ କୈଳାସ ଚନ୍ଦ୍ର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ସେଲଫି ପଏଣ୍ଟ ବାଲେଶ୍ୱର ସହରର ସୌନ୍ଦର୍ଯ୍ୟ ବୃଦ୍ଧିରେ ବେଶ୍ ସହାୟକ ହୋଇପାରିଛି। ବାଲେଶ୍ୱର ସମେତ ଓଡ଼ିଶାର କଳା ଓ ସଂସ୍କୃତିକୁ ଏହି ସେଲଫି ପଏଣ୍ଟରେ ସ୍ଥାନିତ କରାଯାଇଥିବା ବେଳେ ଜିଲାବାସୀ ତଥା ବାହାରୁ ଆସୁଥିବା ଲୋକଙ୍କ ପାଇଁ ଏହା ଏକ ଆକର୍ଷଣୀୟସ୍ଥଳ ହେବ ବୋଲି ଆଶା ପ୍ରକାଶ କରିଥିଲେ। ୯ନଂ. ୱାର୍ଡ କାଉନସିଲର ସଞ୍ଜୀବ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପୌର ପରିଷଦ କାଉନସିଲର ଓ ପୂର୍ବତନ କାଉନସିଲରଙ୍କ ସମେତ ବହୁ ସଙ୍ଗଠକ ଏବଂ ଏସ୍‌ଏଚ୍‌ଜି ମହିଳା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଉଦ୍‌ଘାଟନ ପରେ ସେଲଫି ଉଠାଇବାକୁ ଏଠାରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

# ଜିଲାସ୍ତରୀୟ ଜାତୀୟ ମାନବାଧିକାର ଦିବସ

ସୋର, ୯।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲ ସୋର ନିକଟ ଜାତୀୟ ରାଜପଥ ବଜରଙ୍ଗବାଲୀ ଧର୍ମକଣ୍ଟା ସମ୍ମିଳନୀ କକ୍ଷରେ ବିଶ୍ୱ ମାନବାଧିକାର ଦିବସ ଉପଲକ୍ଷେ ଜାତୀୟ ମାନବାଧିକାର ଜିଲା ଶାଖା ସାମ୍ମୁଖ୍ୟ ଆନୁକୂଲ୍ୟରେ ସଭାପତି କାହ୍ନୁଚରଣ ପାଇକଙ୍କ ପୌରୋହିତ୍ୟରେ ମାନବାଧିକାର ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ସୋର ବିଡିଓ କରୁଣାକର ଧିନ୍ଦା ଯୋଗଦେଇ ସୁସ୍ଥ ସ୍ୱାଧୀନ ଜୀବନ ଜୀଇଁବା ପାଇଁ ମାନବାଧିକାରର ଗୁରୁତ୍ୱ ନେଇ କହିଥିଲେ। ମୁଖ୍ୟବକ୍ତା ଭାବେ ସୋର ତହସିଲଦାର ବସନ୍ତ କୁମାର ସାହାଣୀ ଯୋଗଦେଇଥିଲେ। ଏଥିସହ ଜଣେ ବ୍ୟକ୍ତି ନିଜର ସମସ୍ୟା ଅନ୍ୟକୁ ନ କହି ସମ୍ପୃକ୍ତ ଅଧିକାରୀଙ୍କୁ ଜଣାଇଲେ ସମସ୍ୟା ସମାଧାନ ଶୀଘ୍ର ହୋଇପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ସଂଯୋଜିକା ଭାରତୀ ପଣ୍ଡା, ଜିଲା ସମ୍ପାଦକ ରାଜଶ୍ରୀ ପାଣିଗ୍ରାହୀ, ସୋର ସିଡିପିଓ ଯୋଗଦେଇ ମହିଳା ଓ ଶିଶୁଙ୍କ ନିର୍ଯାତନା ସହ ଭ୍ରୁଣ ହତ୍ୟା ଏବେ ସମାଜର ମୁଖ୍ୟ ସମସ୍ୟା ବୋଲି କହିଥିଲେ। ଜିଲା ଶାଖା ସହ ସମ୍ପାଦକ ତପନ କୁମାର ପତି ଅତିଥି ପରିଚୟ ଓ ସଂଯୋଜକ ଅବସରପ୍ରାପ୍ତ ସେନା କର୍ମଚାରୀ କାହ୍ନୁଚରଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବଢ଼ି ଚାଲିଛି 'ଲମ୍ପି' ସଂକ୍ରମଣ

**ଟିକା ଯୋଗାଇ ଦେବାକୁ ଦାବି**

ଆରଡ଼ି, ୯।୧୨ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁର, ଓଳଗ, ଆରଡ଼ି ଓ ନାନ୍ଦପୁର ପଞ୍ଚାୟତରେ ଗୋରୁମାନେ 'ଲମ୍ପି' ରୋଗରେ ଆକ୍ରାନ୍ତ ହୋଇଛନ୍ତି। ୪ ପଞ୍ଚାୟତରେ ୫୦ରୁ ଅଧିକ ଗୋରୁ ଏହି ରୋଗରେ ସଂକ୍ରମିତ ହୋଇଥିବା ବେଳେ ସୁନ୍ଦରପୁର ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଲୋକେ ଅର୍ଥ ଖର୍ଚ୍ଚ କରି ଘରୋଇ ଚିକିତ୍ସା କରାଉଛନ୍ତି। କୌଣସି ପ୍ରତିଷେଧକ ବ୍ୟବସ୍ଥା ନ ଥିବାରୁ ସଂକ୍ରମଣ ହାର ବଢ଼ି ଚାଲିଛି। ଦୁହାଁଳିଆ ଗାଈ ଏହି ରୋଗର ଶିକାର ହେବାରୁ ବାଛୁରୀ ମଧ୍ୟ ସଂକ୍ରମିତ ହେଉଛନ୍ତି। ଏଥିରେ ଆକ୍ରାନ୍ତ ଗୋରୁ ପ୍ରାୟ ୧୦ଦିନ ପର୍ଯ୍ୟନ୍ତ କଷ୍ଟ ଭୋଗୁଛନ୍ତି। ଆକ୍ରାନ୍ତ ଗୋରୁଙ୍କ ଗୋଡ଼ ଫୁଲିଯିବା, ଦେହର ତାପମାତ୍ରା ବୃଦ୍ଧି ପାଇବା, ଦେହସାରା ଚକଡ଼ା ଚକଡ଼ା ପରି ଘା' ସୃଷ୍ଟି ହେବା, ସେଥିରୁ ପୂଜ ବାହାରିବା ଆଦି ଲକ୍ଷଣ ଦେଖା ଦେଉଛି। ଗୋରୁମାନେ ନିସ୍ତେଜ ରହିବା ସହ ଖାଦ୍ୟ ଖାଇବା ମଧ୍ୟ କମାଇ ଦେଉଛନ୍ତି। ଚିକିତ୍ସା ପ୍ରଣାଳୀ ଏଯାଏ ବାହାରି ନ ଥିବା ପ୍ରାଣୀଧନ ଚିକିତ୍ସାଧିକାରୀ କହୁଛନ୍ତି।

ଅନ୍ୟପଟେ ଗର୍ଭିଣୀ ଗାଈଙ୍କୁ ଇଞ୍ଜେକ୍ସନ ଦିଆ ନ ଯିବାରୁ ମରିଯିବା ଆଶଙ୍କା ଉପୁଜିଛି। ଏଭଳି ସ୍ଥିତିରେ ଗୋରୁମାନଙ୍କୁ ଟିକାକରଣ କରାଇବାକୁ ୪ ପଞ୍ଚାୟତର ଲୋକେ ଦାବି କରିଛନ୍ତି। ଏଥିସହ ଲମ୍ପି ରୋଗରେ ଆକ୍ରାନ୍ତ ଗୋରୁଙ୍କ ଚିକିତ୍ସା ମାଗଣାରେ କରାଯିବାକୁ ଦାବି କରିଛନ୍ତି ଗୋପାଳକମାନେ। ଏ ସମ୍ପର୍କରେ ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀ ଶୁଭେନ୍ଦୁ ମିଶ୍ରଙ୍କୁ ପଚାରିବାରୁ ଯଥାଶୀଘ୍ର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।



ସଂକ୍ରମିତ ଗୋରୁର ଚିକିତ୍ସା କରାଯାଉଛି।

# ବିଦ୍ୟାଳୟ ସ୍ଥିତି ଯାଞ୍ଚକଲେ ବିଇଓ

**ଛାତ୍ରୀଛାତ୍ର ବାରଣ୍ଡାରେ ପାଠ ପଢ଼ିବା ଘଟଣା**

**ଧରିତ୍ରୀ ପ୍ରଭାବ**

ଯୋଡ଼ା,୯।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅଧୀନ କାଳିଆବେଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ଦୁଇଟି କ୍ଲାସରୁମ୍‌ର ଛାତରୁ ସିମେଣ୍ଟ ଖଣ୍ଡ ଖସୁଛି। ଏହି କାରଣରୁ ଛାତ୍ରୀଛାତ୍ର ବାରଣ୍ଡାରେ ପାଠ ପଢୁଛନ୍ତି। ଏ ନେଇ ଗତ ୭ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ପୂର୍ବାହ୍ନରେ ଯୋଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ(ବିଇଓ) କ୍ଷେତ୍ରମୋହନ ହାଁସଦା ବିଦ୍ୟାଳୟ ପରିଦର୍ଶନ କରି ସ୍ଥିତି ଯାଞ୍ଚ କରିଛନ୍ତି। ବିଦ୍ୟାଳୟର ଛାତ ଓ ଚତୁଃପାର୍ଶ୍ୱ ବୁଲି ଦେଖିବା ସହ ମରାମତି ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏଥିସହ ବିଦ୍ୟାଳୟର ଛାତକୁ ଦେଖି ମରାମତି ନିମନ୍ତେ ଯୋଡ଼ା ବିଡିଓଙ୍କ ସହ ଆଲୋଚନା କରିବେ, କ୍ଲାସରୁମ୍ ବାହାର ପାର୍ଶ୍ୱ ଝରକା ଉପର ସିମେଣ୍ଟ ସ୍ଲାବ ଭାଙ୍ଗିଯିବା ଦ୍ୱାରା ଝରକା ବନ୍ଦ ହୋଇଯାଇଥିବାରୁ ଭଙ୍ଗା ସ୍ଲାବଟିକୁ ହଟାଇ ଦେବା ନିମନ୍ତେ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ପାଇଁ ହେଉଥିବା ରୋଷେଇ ଓ ରୋଷେଇ ଘରର ସ୍ଥିତି ମଧ୍ୟ ଯାଞ୍ଚ କରି ଫେରିଯାଇଥିଲେ। ବିଇଓଙ୍କ ପରିଦର୍ଶନ ସମୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ ଓ ଶିକ୍ଷକ ଅନିଲ ନାଏକ ଉପସ୍ଥିତ ଥିଲେ।



ବିଦ୍ୟାଳୟ ସ୍ଥିତି ଦେଖୁଛନ୍ତି ବିଇଓ କ୍ଷେତ୍ରମୋହନ ହାଁସଦା।

# ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଗୋପବନ୍ଧୁ ନଗର,୯।୧୨ (ଡି.ଏନ. ଏ.)

ଗୋପବନ୍ଧୁ ନଗର ବ୍ଲକ ପଣ୍ଡୁଦା- ନୂଆସାହି ରାସ୍ତାର ଅଛଡ଼ା ପୋଲ ଉପରେ ଗୁରୁବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଖୁଣ୍ଟା ଥାନା ଅନ୍ତର୍ଗତ ଅଛଡା ଗ୍ରାମର ପ୍ରଦୀପ କୁମାର କରଙ୍କ ପୁଅ ରାଜେଶ (୩୫)। ରାଜେଶ କୌଣସି କାମରେ ଯାଇ ସନ୍ଧ୍ୟାରେ ଘରକୁ ଚାଲି ଚାଲି ଫେରୁଥିବା ବେଳେ ଏକ ଅଜଣା ଗାଡ଼ି ପୋଲ ଉପରେ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ରାଜେଶ ପୋଲ ତଳକୁ ଖସି ପଡ଼ିବା ସହ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଉଦଳା ଡାକ୍ତରଖାନା ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ମାମଲା(ନଂ. ୩୬୩/୨୨) ରୁଜୁ ହୋଇଛି।

# ସତ୍ୟନାରାୟଣ ବିଦ୍ୟାପୀଠରେ ସୁବର୍ଣ୍ଣ ଜୟନ୍ତୀ

ଢେଙ୍କିକୋଟ,୯।୧୨(ଡି.ଏନ.ଏ)

କେନ୍ଦୁଝର ଜିଲା ଢେଙ୍କିକୋଟସ୍ଥିତ ସତ୍ୟନାରାୟଣ ବିଦ୍ୟାପୀଠ(ହାଇସ୍କୁଲ)ର ସୁବର୍ଣ୍ଣ ଜୟନ୍ତୀ ପାଳନ ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଘସିପୁରା ବିଧାୟକ ବଦ୍ରୀନାରାୟଣ ପାତ୍ର, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ ଡ. ନାରାୟଣ ସେନାପତି, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ବରିଷ୍ଠ ଶାଖା ପରିଚାଳକ କୁଳମଣି ମଣ୍ଡଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ମିଶ୍ର, ନୀଳମଣି ସାହୁ ଓ ସତ୍ୟାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ତଥା ପୁରାତନ ଛାତ୍ର ପ୍ରଫୁଲ୍ଲ କୁମାର ସିଂହ ସଭାପତିତ୍ୱ କରିଥିଲେ। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ରୋହିତ କୁମାର ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶିକ୍ଷକ ରୋହିତ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ହାଇସ୍କୁଲର ପ୍ରଧାନ ଶିକ୍ଷକ ଫକିର ଚରଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନଙ୍କୁ ସୁବର୍ଣ୍ଣ ଜୟନ୍ତୀ କମିଟିର ସମ୍ପାଦକ ରାମଚନ୍ଦ୍ର ସାହୁ ଉପଢ୍ୌକନ ଦେଇ ସମ୍ମାନିତ କରିଥିଲେ। ଖେଳ କୁଦ ଓ ଶାନ୍ତିଶୃଙ୍ଖଳା ନିମନ୍ତେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଉତ୍ସବ ୩ ଦିନ ଧରି ଚାଲିବ। ଏଥିରେ ବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ରୀଛାତ୍ର ଯୋଗ ଦେବା ପାଇଁ କମିଟି ତରଫରୁ କୁହାଯାଇଛି।




ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ବେଆଇନ ମଦ କାରବାରର ନିରପେକ୍ଷ ତଦନ୍ତ ହେଉ

**ଦାବିକଲା କଂଗ୍ରେସ**

ଭଦ୍ରକ ଅଫିସ,୯।୧୨

ଭଦ୍ରକରେ ଅପମିଶ୍ରିତ ଦେଶୀ, ନକଲି ବିଦେଶୀ ମଦ ଓ ବ୍ରାଉନସୁଗାର ବେଆଇନ କାରବାର ଚଳାଉଥିବା ବ୍ୟକ୍ତିଙ୍କ ପଛରେ କେତେକ ରାଜନେତା, ଅବକାରୀ ବିଭାଗ, ଜିଲା ଓ ପୋଲିସ ପ୍ରଶାସନର ଉଚ୍ଚ ଅଧିକାରୀଙ୍କ ସମର୍ଥନ ରହିଛି। ଦୁଇବର୍ଷ ପୂର୍ବେ କଂଗ୍ରେସ ପକ୍ଷରୁ ଏହାକୁ ଏକ ପ୍ରମୁଖ ପ୍ରସଙ୍ଗ କରିବା ସହ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ମଧ୍ୟ ଦିଆଯାଇଥିଲା। ଏପରି ଅଭିଯୋଗ କରିବା ସହ ଭଦ୍ରକ ସହରକୁ ସମ୍ପୂର୍ଣ୍ଣ ବେଆଇନ ନିଶା କାରବାର କବଳରୁ ମୁକ୍ତ କରିବାକୁ ଭଦ୍ରକ ବିଧାନସଭା କ୍ଷେତ୍ର କଂଗ୍ରେସ ନେତା ନଳିନୀ ମହାନ୍ତି ଶୁକ୍ରବାର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି। ଗତ ମଙ୍ଗଳବାର ଅବକାରୀ ବିଭାଗର ଏକ ଭ୍ରାମ୍ୟମାଣ ଟିମ୍ ଦ୍ୱାରା ଅର୍ଣ୍ଣପାଳ ମଧୁସୂଦନପୁର ଗ୍ରାମରୁ ନକଲି ମଦ କାରବାରରେ ସମ୍ପୃକ୍ତ ସହଦେବ ପୃଷ୍ଟିଙ୍କୁ ଗିରଫ କରିଥିଲା। ଗଣମାଧ୍ୟମ ଓ ଅବକାରୀ ବିଭାଗ ଅଧିକାରୀଙ୍କ ସମ୍ମୁଖରେ ଅଭିଯୁକ୍ତ ସ୍ୱୀକାର କରିଥିଲେ ଯେ ଏହି ନକଲି ମଦ ଭଦ୍ରକର ଜଣେ ହୋଟେଲ ମାଲିକ ଯୋଗାଇଥିଲେ। ଅବକାରୀ ବିଭାଗ ଉକ୍ତ ବ୍ୟକ୍ତିଙ୍କୁ ତଦନ୍ତ ପରିସରକୁ ଆଣୁନାହିଁ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଉକ୍ତ ହୋଟେଲ ମାଲିକଙ୍କ ବେଆଇନ ମଦ କାରବାରର କଳା ସାମ୍ରାଜ୍ୟର ଉତ୍ସ ସମ୍ପର୍କରେ ଆୟକର ବିଭାଗ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଏକ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି। ପୋଲିସ ଓ ଅବକାରୀ ବିଭାଗ ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ କଂଗ୍ରେସ ପକ୍ଷରୁ ପ୍ରଥମେ ଏସ୍‌ପି ଓ ପରେ ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। କଂଗ୍ରେସର ଜିଲା ସଭାପତି ସୁବ୍ରତ ଦାସ, ନଗର କଂଗ୍ରେସ ସଭାପତି ଅବଦୁଲ ମୁକିତ ଖାନ, ପୂର୍ବତନ କାଉନସିଲର ଆଶ୍ରଫ ଅଲ୍ଲି ଖାନ, ବିଜୟ ବାରିକ, ଟୋନୀ ଅଲ୍ଲୀ, ଇଲିୟାସ ଅଲ୍ଲୀ ଖାନ, ପ୍ରଦ୍ୟୁମ୍ନ ଦାସ, ଛାତ୍ର ସଭାପତି ସାହିଲ କାଦ୍ରୀ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତା।

